ଭାଷା ଓ ସାକ୍ଷରତା

TESS India

# ଏକତ୍ରୀକରଣ ଭାଷା, ସାକ୍ଷରତା ଓ ବିଷୟ ଶିକ୍ଷା

## Integrating language, literacy and subject learning





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

CC BY SA
http://creativecommons.org/licenses/

The Open University
UKaid from the British people

*ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।*

*ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।*

***ଭିଡ଼ିଓ ସମ୍ବଳ ସମୂହ***

*ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।*

*ଓଡ଼ିଆ ସଂକଳନ ୧.୦ ଭାଷା ଓ ସାକ୍ଷରତା ସଂଖ୍ୟା ୧୪ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା Odisha*

*ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଶ୍ରୀମତୀ ନିରୁପମା ରାଉତ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org / licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।*

*TESS-India is led by The Open University UK and funded by UK aid from the UK government*

## ଏହି ଏକକରେ କ'ଣ ଅଛି

ବିଦ୍ୟାଳୟରେ ମୁଖ୍ୟତଃ ପାଠ୍ୟକ୍ରମ ବିଷୟ ଗୁଡିକୁ ନିର୍ଦ୍ଦିଷ୍ଟ ଭାବରେ ବିଭକ୍ତ କରାଯାଇଥାଏ, ଏବଂ ଏହାକୁ ସମୟ ନିର୍ଘଣ୍ଟ ଅନୁସାରେ ବ୍ୟକ୍ତିଗତ ଭାବରେ ସଜାଇ ପାଠ ପଢାଯାଇଥାଏ। ଏହି ହିସାବରେ ଭାଷା ଓ ସାକ୍ଷରତାକୁ ସ୍ୱତନ୍ତ୍ର ଭାବରେ ଗ୍ରହଣ କରାଯାଇ ପଢାଯାଏ, କିନ୍ତୁ ଏହାକୁ ମୁଖ୍ୟତଃ ପଠନ ଓ ଲିଖନ ଦକ୍ଷତା ସହ ସମନ୍ୱିତ କରାଯାଇଛି। ଏହାକୁ ଅନ୍ୟ ସବୁ ବିଷୟ ସହିତ ମଧ୍ୟ ସମନ୍ୱିତ କରାଯାଇପାରିବ। କିନ୍ତୁ ଦେଖିବାକୁ ଗଲେ ଭାଷା ଓ ସାକ୍ଷରତାର ଅନ୍ୟ ସବୁ ବିଷୟ ସହିତ ସଂପୃକ୍ତି ରହିଛି। ଉଦାହରଣ ସ୍ୱରୂପ, ଯେତେବେଳେ ଆମେ ପରିବେଶ ବିଜ୍ଞାନରେ ଥିବା ବିଭିନ୍ନ ଧାରଣା ଗୁଡିକୁ ଉପସ୍ଥାପନା କରୁଛୁ, ସେହି ସମୟରେ ଆମେ ଶିକ୍ଷାର୍ଥୀଙ୍କୁ ଶବ୍ଦ ଭଣ୍ଡାର ସହ ଶୁଣିବା, କହିବା, ପଢିବା ଓ ଲେଖିବା ଦକ୍ଷତାକୁ ମଧ୍ୟ ସଂପର୍କିତ କରାଉଛୁ।

ଏହି ଏକକର ଉଦ୍ଦେଶ୍ୟ ହେଉଛି ଆପଣଙ୍କୁ ସମନ୍ୱିତ ଶିକ୍ଷଣ ବିଷୟରେ ସଚେତନ କରିବ ଏବଂ ପ୍ରାଥମିକ ସ୍ତରରେ ଭାଷା ଓ ସାକ୍ଷରତାକୁ ଅନ୍ୟ ବିଷୟ ସହିତ ସମନ୍ୱିତ କରି ପଢାଇବା ପାଇଁ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବା।

## ଏହି ଏକକରୁ କ'ଣ ଶିଖିବେ

- ବିଷୟ ସଂପର୍କିତ ଶିକ୍ଷଣ, ଓ ଭାଷା ଏବଂ ସାକ୍ଷରତା ଶିକ୍ଷାକୁ ସମନ୍ୱିତ କରି ପଢାଇବା ପାଇଁ କିପରି ଯୋଜନା ପ୍ରସ୍ତୁତ କରିବେ ଓ ଉପସ୍ଥାପନା କରିବେ।
- ଶିକ୍ଷାର୍ଥୀଙ୍କୁ କିପରି ସହଭାଗୀ ଓ ଉଦ୍ଦେଶ୍ୟ ଭିତ୍ତିକ ଦଳଗତ କର୍ଯ୍ୟରେ ନିଯୁକ୍ତ କରାଇବେ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ବିଦ୍ୟାଳୟରେ ସବୁ ବିଷୟରେ ପଢାଇବା ପାଇଁ ଭାଷା ଓ ସାକ୍ଷରତା ଦକ୍ଷତାର ଅତ୍ୟନ୍ତ ଆବଶ୍ୟକତା ରହିଛି। ଶିକ୍ଷାର୍ଥୀ ଯେ କୌଣସି ବିଷୟରେ ନିର୍ଦ୍ଦିଷ୍ଟ ଧାରଣା ଗୁଡିକୁ ହୃଦୟଙ୍ଗମ କରିବା ପାଇଁ ହେଲେ ଶୁଣିବା, କହିବା, ପଢିବା, ଲେଖିବା ତଥା ଧାରଣାର ବୋଧଗମ୍ୟତା ଦକ୍ଷତାଗୁଡ଼ିକର ପ୍ରୟୋଗ କରିଥାଏ ଏବଂ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗର କିଛି ସ୍ୱତନ୍ତ୍ର ଶବ୍ଦ, ଅନୁଚ୍ଛେଦକୁ ମଧ୍ୟ ଅନ୍ୟ ସହିତ ସଂପର୍କିତ କରି ବୁଝିବାକୁ ଚେଷ୍ଟା କରିଥାଏ।

ଉଦାହରଣ ସ୍ୱରୂପ, ବିଜ୍ଞାନର ବହୁତ ଗୁଡିଏ ପାଠରେ ଶିକ୍ଷାର୍ଥୀଙ୍କର, ଯୋଜନା, ଅନୁମାନ, ପର୍ଯ୍ୟବେକ୍ଷଣ, ଲିପିବଦ୍ଧ କରଣ, ବର୍ଣ୍ଣନା ଓ ସିଦ୍ଧାନ୍ତୀକରଣ କରିଥାନ୍ତି, ଯାହା କେବଳ ସେମାନଙ୍କର ବିଷୟର ଶିକ୍ଷଣକୁ ପ୍ରୋତ୍ସାହିତ କରିନଥାଏ ବରଂ ଭାଷା ଏବଂ ସାକ୍ଷରତାର ମଧ୍ୟ ବିକାଶ କରିଥାଏ। ବିଦ୍ୟାଳୟର ସମସ୍ତ ବିଷୟ ଭାଷା ଓ ସାକ୍ଷରତାର ବିକାଶ ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ। ପରସ୍ପର ପରିପୂରକ ଶିକ୍ଷଣର ଦିଗ- ବିଷୟ ସଂପର୍କିତ ପାଠ, ଭାଷା ଓ ସାକ୍ଷରତା ବିଷୟକୁ ସମନ୍ୱିତ କରିବାର ସାମର୍ଥ୍ୟ ଜଣେ ଦକ୍ଷ ଶିକ୍ଷକର ଲକ୍ଷଣ।

## ୧ ପ୍ରାଥମିକ ଶ୍ରେଣୀରେ ବିଷୟ – ସଂପର୍କିତ ଶିକ୍ଷାଦାନ ଓ ଭାଷା ଏବଂ ସାକ୍ଷରତା ବିକାଶର ସଂଯୋଗ କରିବା

ଏକ ସମୟରେ ଜ୍ୟୋତିଷ ବିଜ୍ଞାନ ଓ ଭାଷା ଏବଂ ସାକ୍ଷରତାର ବିକାଶ ପାଇଁ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷୟତ୍ରୀଙ୍କ ପରିସ୍ଥିତି ଅନୁଧ୍ୟାନକୁ ପଢି ଆପଣ ଏହି କାର୍ଯ୍ୟଟିକୁ ଆରମ୍ଭ କରିବେ।

## ପରିସ୍ଥିତି ଅନୁଧ୍ୟାନ ୧ ଜ୍ୟୋତିଷ ବିଜ୍ଞାନ ଶିକ୍ଷାଦାନ

*ଶ୍ରୀମତୀ ମୀନାକ୍ଷୀ, ମୟୁରଭଞ୍ଜ ଜିଲ୍ଲାର ଶିମିଳିପାଳ ସରକାରୀ ବିଦ୍ୟାଳୟରେ ୫ମ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ସବୁ ବିଷୟ ପଢାନ୍ତି ।*

ଶ୍ରେଣୀଗୃହରେ ବିଷୟ ଶିକ୍ଷଣ ପାଇଁ ସେ ବ୍ୟବହାର କରିଥିବା ସମନ୍ୱିତ ଶିକ୍ଷଣ ପନ୍ଥାକୁ ଏଠାରେ ବର୍ଣ୍ଣନା କରିଛନ୍ତି ।

ମୋ ଶିକ୍ଷାର୍ଥୀମାନେ ସୂର୍ଯ୍ୟ, ତାରା, ଚନ୍ଦ୍ର ବିଷୟରେ ଜାଣିବାକୁ ବେଶୀ ଇଚ୍ଛୁକ ଏବଂ ସେମାନେ ସବୁବେଳେ ସେମାନଙ୍କ ବିଷୟରେ କଥା ହୁଅନ୍ତି । ସେମାନଙ୍କ ମଧ୍ୟରୁ ବହୁତ ଜଣ ମହାକାଶଯାତ୍ରୀ ପିନ୍ଧୁଥିବା ବସ୍ତ୍ର କିମ୍ବା ବିଭିନ୍ନ ଗ୍ରହରୁ କାଳ୍ପନିକ ମନୁଷ୍ୟର ଚିତ୍ର କରିବାକୁ ପସନ୍ଦ କରିଥାନ୍ତି । ଏହି ବର୍ଷ ଆରମ୍ଭରେ ଶିକ୍ଷାର୍ଥୀଙ୍କର ଏହି ଆଗ୍ରହକୁ ବିକାଶ କରିବା ପାଇଁ ବହୁତ ଗୁଡ଼ିଏ ପାଠ ଯୋଜନା କରିଥିଲି । ସର୍ତକତା ସହ ଏହି ପ୍ରସଙ୍ଗ ବିଷୟରେ ଏବଂ ସଂପର୍କିତ ଭାଷା ବିଷୟରେ ଚିନ୍ତା କରିଥିଲି । ମୁଁ ଗୋଟିଏ ଖେଳରୁ ଆରମ୍ଭ କରିଥିଲି ଯେଉଁଥିରେ ଶିକ୍ଷାର୍ଥୀମାନେ ସୂର୍ଯ୍ୟ ଠାରୁ ଦୂରତାରେ ଥିବା ଗ୍ରହ ମାନଙ୍କର ନାମ କ୍ରମାନ୍ୱୟରେ ମନେରଖି ପାରିବେ । ମୁଁ ତା'ପରେ ପାଠରେ ମୋ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ୧୦ଟି ଦଳରେ ଭାଗ କରି ସେମାନଙ୍କୁ ନିମ୍ନଲିଖିତ ନାମରେ ନାମକରଣ କଲି, ଯଥା- ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ୍, ନେପ୍‌ଚୁନ୍ । ମୁଁ ପ୍ରତ୍ୟେକ ଦଳକୁ ବିଜ୍ଞାନ ପାଠ୍ୟପୁସ୍ତକ ଦେଲି ଓ ସେମାନଙ୍କୁ କହିଲି, ପାଠ୍ୟପୁସ୍ତକରୁ ସେମାନଙ୍କୁ ଦିଆଯାଇଥିବା ଗ୍ରହ କିମ୍ବା ଚନ୍ଦ୍ରକୁ ଖୋଜିବେ ଓ ସେଥିରୁ ନିଜକୁ ଦିଆଯାଇଥିବା ଗ୍ରହ ସମ୍ପର୍କରେ ତଥ୍ୟ ଖୋଜି ବାହାର କରିବେ । ସେମାନଙ୍କୁ ସେ ଦିଗରେ ଆଗେଇବା ପାଇଁ, ମୁଁ କଳାପଟାରେ କିଛି ପ୍ରଶ୍ନ ଲେଖିଲି, ଯେପରି-

- ତୁମ ଗ୍ରହର ରଙ୍ଗ କ'ଣ ?
- ଏହା ସୂର୍ଯ୍ୟ ଠାରୁ କେତେ ଦୂରରେ ଅଛି ?
- ସେଠାରେ ମନୁଷ୍ୟ ରହିପାରିବେ କି ? କାହିଁକି କିମ୍ବା କାହିଁକି ନୁହେଁ ?

ତା'ପରେ ମୁଁ ସେମାନଙ୍କୁ କହିଲି ପ୍ରତ୍ୟେକ ଦଳ ନିଜ ଗ୍ରହ ବିଷୟରେ କିଛି ତଥ୍ୟ ଅନ୍ୟ ମାନଙ୍କୁ କହିବେ । ସେଥିପାଇଁ ସେମାନେ ନିଜେ ମନେ ରଖିଥିବା ତଥ୍ୟ, ପାଠ୍ୟପୁସ୍ତକ, କିମ୍ବା ନିଜର ଖାତା ଦେଖି କହିପାରିବେ ।

ମୋ ଶିକ୍ଷାର୍ଥୀମାନେ କାମ ଆରମ୍ଭ କଲେ, ମୁଁ ଶ୍ରେଣୀ ଗୃହରେ ବୁଲିବୁଲି ସେମାନଙ୍କୁ ଶୁଣିଲି ଏବଂ ପର୍ଯ୍ୟବେକ୍ଷଣ କଲି, ତତ୍‌ସହିତ ସେମାନେ ଗ୍ରହ ଓ ନକ୍ଷତ୍ରକୁ କେତେଦୂର ବୁଝୁଛନ୍ତି ତଥା ଭାଷା ଓ ସାକ୍ଷରତାର ପ୍ରୟୋଗ କରୁଛନ୍ତି ତାହା ତଦାରଖ କଲି । ସେମାନଙ୍କ ମଧ୍ୟରେ ପଠନରେ ଦକ୍ଷ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କଲି ଏବଂ ଦୁର୍ବଳ ଜଣାଯାଉଥିବା ଶିକ୍ଷାର୍ଥୀମାନଙ୍କୁ ଆଗକୁ ଯିବା ପାଇଁ ସହାୟକ ରୂପେ କାର୍ଯ୍ୟ କଲି ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀର କର୍ଯ୍ୟ ଓ ଅଂଶଗ୍ରହଣ ଦେଖି ମୋତେ ଖୁସି ଲାଗିଲା ।

ତା'ର ଠିକ ପରବର୍ତ୍ତୀ ପାଠରେ, ଶିକ୍ଷାର୍ଥୀଙ୍କୁ "୨୦ଟି ପ୍ରଶ୍ନ"ଥିବା ଗୋଟିଏ ଖେଳ ଖେଳିବା ପାଇଁ ନିମନ୍ତ୍ରଣ କଲି ଯେଉଁଥିରେ କି ଗ୍ରହ ଓ ଚନ୍ଦ୍ର ଉପରେ ପ୍ରଶ୍ନଗୁଡିକ ଥିଲା । ମୁଁ ପ୍ରଥମେ କାର୍ଯ୍ୟଟିକୁ କରି ଦେଖାଇଲି ଏବଂ ସେମାନଙ୍କୁ ଆଠଟି ଦଳରେ ଖେଳିବା ପାଇଁ ସୂଚନା ଦେଲି । ଶ୍ରେଣୀରେ, ମୁଁ ସେମାନଙ୍କୁ ନିଜ ଅଭ୍ୟାସ କାର୍ଯ୍ୟ ବହିରେ, ନିଜକୁ ଗୋଟିଏ ଗ୍ରହ ହିସାବରେ ବର୍ଣ୍ଣନା କରି ଚିତ୍ର ସହ ଗୋଟିଏ ଅନୁଚ୍ଛେଦ ଲେଖିବା ପାଇଁ କହିଲି । ମୋତେ ଲାଗୁଥିଲା ମୋର ଶିକ୍ଷାର୍ଥୀମାନେ ବହୁତ ଆନନ୍ଦ ସହ ପ୍ରସଙ୍ଗ ସଂପର୍କିତ ଏହି କାର୍ଯ୍ୟଗୁଡିକୁ ଉପଭୋଗ କରୁଥିଲେ; କାରଣ ବୋଧହୁଏ ଏଥିରେ କାର୍ଯ୍ୟଗୁଡ଼ିକ କ୍ରମାନ୍ୱୟରେ ବିଷୟ ସହିତ ସଂପୃକ୍ତ ଥିଲା ଏବଂ ସେମାନେ ଦଳରେ ଏକାଠି ବହୁତ ଗୁଡିଏ କାର୍ଯ୍ୟ କରୁଥିଲେ । ଏହି କାର୍ଯ୍ୟଗୁଡ଼ିକରେ ଏକ ସମୟରେ ବିଭିନ୍ନ ପ୍ରକାର ଦକ୍ଷତା ଓ ଉପାଦାନ ଗୁଡିକର ବିକାଶ ହେବାର ସୁଯୋଗ ଥିଲା ।

ଯେତେବେଳେ ମୁଁ ପାରେ, ଚେଷ୍ଟାକରେ ମୁଁ ମୋ ପାଠ ଯୋଜନା ଏହିପରି ଭାବରେ ପ୍ରସ୍ତୁତ କରିବି ଯେପରି ଶିକ୍ଷାର୍ଥୀମାନଙ୍କର ନିର୍ଦ୍ଦିଷ୍ଟ ବିଷୟ, ଯଥା-: ଇତିହାସ, ଭୂଗୋଳ ଆଦି ବିଷୟରେ ବୋଧଗମ୍ୟତା ବଢିବା ସହିତ ଭାଷା ଓ ସାକ୍ଷରତାର ଦକ୍ଷତା ମଧ୍ୟ ବୃଦ୍ଧି ହୋଇପାରିବ । ମୁଁ ପ୍ରାୟ କାର୍ଯ୍ୟ ଆରମ୍ଭ କରିବା ସମୟରେ ଶିକ୍ଷାର୍ଥୀଙ୍କୁ କିଛି ସୂଚନା ଦେଇଥାଏ ଯାହାଦ୍ୱାରା ସେମାନେ ପଢିବା ସମୟରେ

କିଛି ତଥ୍ୟ ଲିପିବଦ୍ଧ କରି ମୋତେ ଦିଅନ୍ତି । ଯଦି କିଛି ଖେଳ ମାଧ୍ୟମରେ ମୁଁ ସେମାନଙ୍କ ଜ୍ଞାନକୁ ପରୀକ୍ଷା କରିବା ପାଇଁ ଚାହେଁ ତେବେ ଏହିପରି କିଛି କାର୍ଯ୍ୟ ଦିଏ ।

ମୁଁ ସାଧାରଣତଃ, ଶିକ୍ଷାଦାନ ଶେଷରେ ସଂକ୍ଷେପଣ ପାଇଁ ଶିକ୍ଷାର୍ଥୀମାନଙ୍କୁ ଲିଖିତ କାର୍ଯ୍ୟ ଦେଇଥାଏ । ଏହିପରି ସମନ୍ୱିତ କାର୍ଯ୍ୟ ମୁଁ ଆଗାମୀ ପାଠକୁ ବିସ୍ତାରିତ କରିଥାଏ ।



### ଟିକିଏ ଚିନ୍ତା କରନ୍ତୁ

- ଶ୍ରୀମତୀ ମିନାକ୍ଷୀ ନିଜ ଶ୍ରେଣୀରେ କେଉଁ କେଉଁ ସମ୍ବଳର ବ୍ୟବହାର କରିଥିଲେ ?
- ଖେଳ ସବୁର ଶିକ୍ଷଣ ଉଦ୍ଦେଶ୍ୟଗୁଡିକୁ ସେ ନିଜର ପାଠଗୁଡିକରେ ସାମିଲ କରିଥିବା ସଂପର୍କରେ ଆପଣ କ'ଣ ଚିନ୍ତା କରନ୍ତି ?
- ଶିକ୍ଷାର୍ଥୀମାନେ କଥା ହେଉଥିବା ସମୟରେ ଶ୍ରୀମତୀ ମୀନାକ୍ଷୀ ପର୍ଯ୍ୟବେକ୍ଷଣ କରି କେଉଁ ପ୍ରକାର ମୁଲ୍ୟାୟନ ଟିପଣୀକୁ ଲିପିବଦ୍ଧ କରି ପାରୁଥିଲେ ?
- ଚନ୍ଦ୍ର ଏକ ଗ୍ରହ ନୁହେଁ। ଆପଣ କ'ଣ ଚିନ୍ତା କରୁଛନ୍ତି କି ଯେ ଶ୍ରୀମତୀ ମୀନାକ୍ଷୀଙ୍କର ଶିକ୍ଷଣ କାର୍ଯ୍ୟ ଗୁଡିକ ଭ୍ରାନ୍ତଧାରଣା ସୃଷ୍ଟି କରିବ ? ସେ ଏଗୁଡିକୁ କିପରି ସାମନା କରିପାରିଥିଲେ ?

ସହଭାଗୀ ଦଳଗତ କାର୍ଯ୍ୟପାଇଁ ଶିକ୍ଷାର୍ଥୀମାନଙ୍କୁ ସଂଗଠନ କରିବା ବିଷୟରେ ଅଧିକ ଜାଣିବା ପାଇଁ ସମ୍ବଳ -୧ "ଦଳଗତ କାର୍ଯ୍ୟର ବ୍ୟବହାର କରିବା" ପଢନ୍ତୁ ।



ଭିଡ଼ିଓ : ଦଳଗତ କାର୍ଯ୍ୟର ବ୍ୟବହାର କରିବା

## ଶିକ୍ଷଣକାର୍ଯ୍ୟ ୧ : ସମନ୍ୱିତ ଶିକ୍ଷଣର ଉଦ୍ଦେଶ୍ୟ ସମୂହ

ସମ୍ବଳ-୨, ଦୁଇଟି ପାଠ ଉପରେ ଆଲୋକପାତ କରିଛି, ଯାହା ବିଷୟ ଶିକ୍ଷା ସହିତ ଭାଷା ଏବଂ ସାକ୍ଷରତାର ବିକାଶର ସମନ୍ୱିତ କରିଛି । ଗୋଟିଏ ପାଠରେ ଗାଣିତିକ ଭାଷା , ଆକୃତି ଗୁଡିକର ଗୁଣ, ଦଳଗତ କାର୍ଯ୍ୟ, ଗତି ଓ ଲିଖନ ଦକ୍ଷତାକୁ ସମନ୍ୱିତ କରିଛି ।

ଉଭୟ କାର୍ଯ୍ୟ ଛୋଟ କିମ୍ବା ବଡ ଶିକ୍ଷାର୍ଥୀଙ୍କ ପାଇଁ ଗ୍ରହଣୀୟ ହୋଇପାରିବ । ଉଭୟ କାର୍ଯ୍ୟ ବହୁତ କମ୍ ସମ୍ବଳ ଆବଶ୍ୟକ କରେ ।

ଯଦି ସମ୍ଭବ ଜଣେ ସହକର୍ମୀଙ୍କ ସହ ପାଠ-୧ : ଗଣିତ, ଆକୃତି, ଗତି ଓ ଭାଷା ଆଦିକୁ ପଢି କାର୍ଯ୍ୟଟିକୁ ଆରମ୍ଭ କରନ୍ତୁ ।

ପରେ ନିମ୍ନଲିଖିତ ପ୍ରଶ୍ନ ଗୁଡିକୁ ଆଲୋଚନା କରନ୍ତୁ ।

୧. ପାଠ ୧ରେ ବର୍ଣ୍ଣନା କରାଯାଇଥିବା କର୍ଯ୍ୟଗୁଡ଼ିକ କରିବା ପୂର୍ବରୁ, ଆପଣଙ୍କ ଶିକ୍ଷାର୍ଥୀମାନେ କେଉଁ ବିଷୟରେ ଜାଣିବାକୁ ଆବଶ୍ୟକ କରିବେ ?

- ଗଣିତ ?
- ପଠନ ?
- ଲିଖନ ?
- ଏକତ୍ର ହୋଇ କାମ କରିବା ?

୨. ଗଣିତ, ଶାରୀରିକ ଶିକ୍ଷା କିମ୍ବା ଭାଷା ଓ ସାକ୍ଷରତାରେ ଶିକ୍ଷାର୍ଥୀମାନଙ୍କର ପୂର୍ବ ଶିକ୍ଷଣକୁ ଏହି କାର୍ଯ୍ୟଗୁଡିକ କିପରି ବିସ୍ତାରିତ କରିପାରିବ ?

**ବର୍ତ୍ତମାନ "ପାଠ-୨ :** ଗ୍ରହ, ରଙ୍ଗ ଓ କାବ୍ୟିକ ଭାଷା", କୁ ପଢନ୍ତୁ। ପରେ ନିମ୍ନୋକ୍ତ ପ୍ରଶ୍ନଗୁଡିକୁ ବିଚାର କରନ୍ତୁ।

୧. ପାଠ ୨ରେ ବର୍ଣ୍ଣନା କରାଯାଇଥିବା କାର୍ଯ୍ୟଗୁଡିକ କରିବା ପୂର୍ବରୁ, ଆପଣଙ୍କ ଶିକ୍ଷାର୍ଥୀମାନେ କେଉଁ ବିଷୟରେ ଜାଣିବାକୁ ଆବଶ୍ୟକ କରିବେ ?

- ଗ୍ରହ
- ଲିଖନ
- କବିତା
- କଳା
- ସାଥୀଙ୍କ ସହାୟତା

୨. ବିଜ୍ଞାନ, କଳା ଏବଂ ଭାଷା ଓ ସାକ୍ଷରତାରେ ଶିକ୍ଷାର୍ଥୀମାନଙ୍କର ପୂର୍ବ ଶିକ୍ଷଣକୁ ଏହି କାର୍ଯ୍ୟଗୁଡିକ କିପରି ବିସ୍ତାରିତ କରିପାରିବ ?

ଆପଣଙ୍କ ପାଠ୍ୟ ପୁସ୍ତକରୁ ଗୋଟିଏ ବିଷୟ ଦେଖନ୍ତୁ, ଯେଉଁ ବିଷୟଟିକୁ ଆପଣ ପଢେଇବାକୁ ଯାଉଛନ୍ତି। ବିଷୟ ପ୍ରସଙ୍ଗ ସହିତ ଭାଷା ସାକ୍ଷରତା କାର୍ଯ୍ୟକୁ ସମନ୍ୱିତ କରିବାର ସୁଯୋଗ ଗୁଡିକୁ ଚିହ୍ନଟ କରନ୍ତୁ। ସେଥିମଧ୍ୟରୁ କେଉଁ କାର୍ଯ୍ୟଗୁଡ଼ିକ ଦଳଗତ କାର୍ଯ୍ୟ ପାଇଁ ସବୁଠାରୁ ବେଶୀ ଉପଯୁକ୍ତ ହୋଇପାରିବ ବିଚାର କରନ୍ତୁ। ଏହି ସମ୍ବନ୍ଧରେ ନିଜର ସହକର୍ମୀଙ୍କ ସହ ଆଲୋଚନା କରନ୍ତୁ। ଯଦି ଆପଣ ଏହିଭଳି ସମନ୍ୱିତ ପଦ୍ଧତି ପୂର୍ବରୁ କେବେ ଚେଷ୍ଟା କରିନାହାଁନ୍ତି, ତେବେ ଆପଣଙ୍କ ପାଇଁ କେଉଁଟି ଅଧିକ ଆହ୍ୱାନମୂଳକ ବୋଲି ଆପଣ ଭାବୁଛନ୍ତି ? ଆପଣ ଏହି ଆହ୍ୱାନ ଗୁଡ଼ିକୁ କିପରି ସାମନା କରିବେ ?

ଆପଣ ପାଠଟିକୁ ଯେତେବେଳେ କାର୍ଯ୍ୟକାରୀ କରିଛନ୍ତି, ଏହି ପ୍ରକାର ଶିକ୍ଷାଦାନରୁ ଆପଣ କ'ଣ ଶିଖିଲେ ଗଭୀର ଭାବରେ ଚିନ୍ତନ କରନ୍ତୁ।

ଆପଣଙ୍କ ଶିକ୍ଷାର୍ଥୀମାନଙ୍କ କ୍ଷେତ୍ରରେ କି ପ୍ରକାର ଶିକ୍ଷଣ ସଂଗଠିତ ହେଲା ? ଆପଣ କିପରି କହିପାରିବେ ?

## ୨ ଅଧିକ ଆହ୍ୱାନମୂଳକ ବିଷୟ ସହିତ ଭାଷା ଓ ସାକ୍ଷରତା ବିକାଶର ସଂଯୋଗ:

ପରବର୍ତ୍ତୀ ପରିସ୍ଥିତି ଅନୁଧ୍ୟାନରେ ଜଣେ ଶିକ୍ଷକ ନିଜ ଶିକ୍ଷାର୍ଥୀମାନଙ୍କୁ ଏକ ଆହ୍ୱାନାମୂଳକ ବିଷୟ ସଂପର୍କିତ ଭାଷାରେ ଦକ୍ଷତା ହାସଲ କରିବାରେ କିପରି ସହାୟତା ପ୍ରଦାନ କରିଛନ୍ତି ତାହା ଆପଣ ପଢିବେ।

### ପରିସ୍ଥିତି ଅନୁଧ୍ୟାନ ୨ : ଭାଷା ଓ ବିଜ୍ଞାନ

*ଶ୍ରୀଯୁକ୍ତ ଲକ୍ଷ୍ମଣ କରଞ୍ଜିଆରେ ବହୁତ ଶିକ୍ଷାର୍ଥୀ ଥିବା ଏକ ବଡ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢାନ୍ତି। ନିଜର ଶିକ୍ଷାର୍ଥୀମାନଙ୍କୁ ଉଦ୍ଭିଦ ବିଜ୍ଞାନର ଜଟିଳ ବୈଜ୍ଞାନିକ ଶବ୍ଦଗୁଡିକ ସହିତ କିପରି ପରିଚିତ କରାଉଛନ୍ତି, ସେହି ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି।*

ଆମ ପାଠ୍ୟ ପୁସ୍ତକର ଗୋଟିଏ ଅଧ୍ୟାୟ ବିଭିନ୍ନ ପ୍ରକାର ଉଦ୍ଭିଦ ବିଷୟରେ ଥିଲା। ମୁଁ ଜାଣିଥିଲି ମୋ ଶ୍ରେଣୀପାଇଁ ବୈଜ୍ଞାନିକ ଧାରଣା ଓ ସେ ସଂପର୍କିତ ଶବ୍ଦଭଣ୍ଡାର ଉଭୟ ବହୁତ କଷ୍ଟ ହେବ। ସେଥିପାଇଁ ମୁଁ କେତେଗୁଡିଏ ପାଠ ଯୋଜନା କ୍ରମାନ୍ୱୟରେ କଲି ଯାହା ବିଷୟ ଶିକ୍ଷଣ ସହିତ ଏଥିରେ ବ୍ୟବହୃତ ହୋଇଥିବା ସ୍ୱତନ୍ତ୍ର ଭାଷାକୁ ସଂଯୋଗ କରିଥିଲା।

**ପ୍ରଥମ ଦିନରେ:** ମୁଁ ପିଲାଙ୍କ ପାଠ୍ୟ ପୁସ୍ତକରେ ଥିବା ଉଦ୍ଭିଦର "ବିଭିନ୍ନ ଅଂଶର ଗଠନ ଓ କାର୍ଯ୍ୟ" ପ୍ରସଙ୍ଗ ସହିତ ଶିକ୍ଷାର୍ଥୀଙ୍କୁ ପରିଚିତ କରାଇଲି, ଏବଂ ସେମାନେ ଆଗରୁ ଉଦ୍ଭିଦ ବିଷୟରେ ଜାଣିଥିବା ଧାରଣାଗୁଡ଼ିକୁ ନେଇ ପ୍ରଶ୍ନ ପଚାରିବାକୁ ମୁଁ ସେମାନଙ୍କୁ କହିଲି। ତା'ପରେ ମୁଁ ପାଳିକରି ଶିକ୍ଷାର୍ଥୀମାନଙ୍କୁ ଅଧ୍ୟାୟରେ ଗୋଟିଏ ବିଭାଗ ପଢ଼ିବାକୁ କହିଲି। କାରଣ ଆଂଶିକ ଭାବେ ଏଥିରେ ନୂତନ ଶବ୍ଦାବଳୀ ତଥା ପ୍ରସଙ୍ଗଟି ଅତି ତାତ୍ତ୍ୱିକଭାବେ ଉପସ୍ଥାପିତ ହୋଇଥିଲା। ଏହା ସେମାନଙ୍କ ପାଇଁ ଅଧିକ ଆହ୍ୱାନାତ୍ମକ ଥିଲା। ସେମାନଙ୍କର ବୁଝିବାକୁ ସୁଗମ କରିବା ନିମିତ୍ତ ସେମାନେ ପ୍ରତ୍ୟେକ ବିଭାଗ ପଢ଼ିସାରିବା ପରେ ମୁଁ ସରଳ ପଦ ବ୍ୟବହାର କରି ଆଉଥରେ ବାକ୍ୟଖଣ୍ଡ ପ୍ରସ୍ତୁତ କଲି ଓ ତତ୍‌ସଂପର୍କିତ କେତେକ ଛବିଳ ବର୍ଣ୍ଣନା କଳାପଟାରେ ଆଙ୍କିଲି।

**ଦ୍ୱିତୀୟ ଦିନରେ:** ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କୁ ଆଠଟି ଦଳରେ ଭାଗକଲି, ପ୍ରତି ଦଳରେ ଛଅ ଜଣ ଶିକ୍ଷାର୍ଥୀ ରହିଲେ। ସେମାନଙ୍କୁ ଶ୍ରେଣୀଗୃହ ବାହାରକୁ ନେଇ ବିଦ୍ୟାଳୟ ହତା ମଧ୍ୟରେ ଥିବା ବିଭିନ୍ନ ଗଛ ଗୁଡ଼ିକୁ ଲକ୍ଷ୍ୟ କରିବାକୁ କହିଲି। ମୁଁ ସେମାନଙ୍କୁ ଗଛ ଗୁଡ଼ିକୁ ଦେଖିବା ଓ ପର୍ଯ୍ୟବେକ୍ଷଣ କରିବା ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଇଲି। ଏହାପରେ ପ୍ରତି ଦଳକୁ କାର୍ଯ୍ୟ ଦେଲି। ଦୁଇଟି ଦଳ ଦେଖିଥିବା ଗଛର ଉଚ୍ଚତା, ଡାଳ ଓ ଶାଖାକୁ ପର୍ଯ୍ୟବେକ୍ଷଣ କଲେ। ଦୁଇଟି ଦଳ ବିଭିନ୍ନ ପ୍ରକାର ପତ୍ରର ଆକୃତି ଓ ଗଠନକୁ ପରୀକ୍ଷା କଲେ। ଦୁଇଟି ଦଳ ଫୁଲଗୁଡ଼ିକର ବିଭିନ୍ନ ଅଂଶକୁ ପର୍ଯ୍ୟବେକ୍ଷଣ କଲେ। ଶେଷ ଦୁଇଦଳ ମାଟି ତଳେ ଥିବା ଚେର ବିଷୟରେ ଅନୁଧ୍ୟାନ କଲେ।

ଶିକ୍ଷାର୍ଥୀମାନେ ଯାହା ପର୍ଯ୍ୟବେକ୍ଷଣ କଲେ, ନିଜ ଦଳ ମଧ୍ୟରେ ତୁଳନା କରି ତାହାର ଏକ ରୂପରେଖ ନିଜ ଅଭ୍ୟାସ ଖାତାରେ ଆଙ୍କିବାକୁ କହିଲି। ସେମାନେ କାମ କଲାବେଳେ ମୁଁ ସେମାନଙ୍କୁ ମାର୍ଗଦର୍ଶନ କରିବା ସହିତ ସହାୟତା ପ୍ରଦାନ କଲି।

ମନେ ହେଉଥିଲା ସତେ ଯେପରି ସେମାନେ ଶ୍ରେଣୀ ବାହାରର ଏହି ସହଭାଗୀ କାର୍ଯ୍ୟରେ ସଂପୂର୍ଣ୍ଣ ରୂପେ ମଜ୍ଜିଯାଇଥିଲେ।

**ତୃତୀୟ ଦିନରେ:** ଶିକ୍ଷାର୍ଥୀମାନେ ନିଜ ଖାତାରେ କରିଥିବା ଚିତ୍ରକୁ ପାଠ୍ୟ ପୁସ୍ତକ ସହ ମିଳାଇ ବିଭିନ୍ନ ଅଂଶର ଉପଯୁକ୍ତ ଶବ୍ଦ ମାଧ୍ୟମରେ ନାମକରଣ କଲେ। ଏହା କରିବା ଦ୍ୱାରା ସେମାନେ ଉଦ୍ଭିଦ ବିଜ୍ଞାନର ସ୍ୱତନ୍ତ୍ର ଭାଷାକୁ ବିଷୟ ସହିତ ସଂଯୋଗ କରିବାକୁ ଆରମ୍ଭ କଲେ।

**ଚତୁର୍ଥ ଦିନରେ:** ପ୍ରତ୍ୟେକ ଦଳ, ଯାହା ପର୍ଯ୍ୟବେକ୍ଷଣ କରିଥିଲେ ତାହାକୁ ଶ୍ରେଣୀର ଅନ୍ୟ ସମସ୍ତଙ୍କ ଆଗରେ ଉପସ୍ଥାପନା କରିବା ପାଇଁ ପ୍ରସ୍ତୁତ ହେଲେ। ଉପସ୍ଥାପନା ସମୟରେ ସେମାନେ ଶିଖିଥିବା ଶବ୍ଦ ଓ କରିଥିବା ଚିତ୍ରକୁ ମଧ୍ୟ ଉଦାହରଣ ରୂପରେ ପ୍ରଦର୍ଶନ କଲେ। ବେଳେବେଳେ ସେମାନଙ୍କୁ ଆଗକୁ ବଢ଼ାଇବା ପାଇଁ ମୁଁ ପ୍ରସଙ୍ଗ ଆଧାରିତ ପ୍ରଶ୍ନ ପଚାରୁଥିଲି ଯେପରି; ବୁଦାଗଛ, ଲତାଗଛ ଠାରୁ କିପରି ଭିନ୍ନ ? ସେହିପରି ମୁଁ ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଏହି ପ୍ରସଙ୍ଗ ଆଧାରିତ ପ୍ରଶ୍ନ ପଚାରିବାକୁ କହିଲି।

ମୁଁ ଲକ୍ଷ୍ୟକଲି ଯେ, ଶ୍ରେଣୀ ବାହାରର ବାସ୍ତବ କାର୍ଯ୍ୟରେ ଶିକ୍ଷାର୍ଥୀଙ୍କୁ ନିୟୋଜିତ କରିବା ପୂର୍ବରୁ ସେମାନଙ୍କୁ ପ୍ରାଥମିକ ସ୍ତରରେ ପାଠ୍ୟପୁସ୍ତକ ପଢ଼ିବାକୁ ଦେବା ଫଳରେ ଏକ ନୂତନ ପ୍ରସଙ୍ଗକୁ ବୁଝିବା ସେମାନଙ୍କୁ ସହଜ ହୋଇଥିଲା ଏବଂ ସେମାନେ ଅଧିକ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ ହୋଇଥିଲେ ଏବଂ ସହଜରେ ନୂତନ ବୈଜ୍ଞାନିକ ଶବ୍ଦଗୁଡ଼ିକୁ ବୁଝିପାରିଲେ।

ଏହି ପ୍ରକାର "ଉପସ୍ଥାପନ କରିବା ପାଇଁ ପ୍ରସ୍ତୁତି" ସେମାନଙ୍କ ଶିକ୍ଷଣକୁ ସ୍ପଷ୍ଟ ଓ ସଂକ୍ଷେପଣ କରିବାରେ ସାହାଯ୍ୟ କଲା, ସେମାନେ ସେହି କଥାବାର୍ତ୍ତା ହେଲେ ଯାହା ଦଳଗତ କାର୍ଯ୍ୟଗୁଡିକ ସହିତ ସଂଲଗ୍ନ ଥିଲା।



ଟିକିଏ ଚିନ୍ତା କରନ୍ତୁ

ଶିକ୍ଷକ ଲକ୍ଷ୍ମଣଙ୍କ ଧାରାବାହିକ ଶିକ୍ଷଣ କାର୍ଯ୍ୟଗୁଡିକର ଶିକ୍ଷଣ ଫଳାଫଳ ଗୁଡିକୁ ନିଜର ଜଣେ ସହକର୍ମୀଙ୍କ ସହ ଆଲୋଚନା କରନ୍ତୁ।

- ବିଜ୍ଞାନର ଶିକ୍ଷଣ ଫଳାଫଳ ଗୁଡିକ କ'ଣ ?
- ଭାଷା ଓ ସାକ୍ଷରତାର ଶିକ୍ଷଣ ଫଳାଫଳ ଗୁଡିକ କ'ଣ ?

- ଅନ୍ୟାନ୍ୟ ଭାବରେ ସଂପୃକ୍ତ କରିବା, ବା ଶୁଣିବା କିମ୍ବା କହିବା ପାଇଁ ଶିକ୍ଷାର୍ଥୀମାନଙ୍କ ଦକ୍ଷତା ସହିତ ସଂପର୍କିତ କରିବାକୁ ସେଠାରେ ଅତିରିକ୍ତ ଶିକ୍ଷଣ ଫଳାଫଳମାନ ଥିଲା କି ?

ଏହି କାର୍ଯ୍ୟଗୁଡ଼ିକରେ ଶିକ୍ଷାର୍ଥୀମାନେ ଉଭୟ ଦୈନନ୍ଦିନ ଜୀବନର ଭାଷା ଓ ଉଦ୍ଭିଦ ସମ୍ବନ୍ଧୀୟ ବୈଜ୍ଞାନିକ ଶବ୍ଦାବଳୀ ଗୁଡିକୁ ଶିଖନ୍ତି ଏବଂ ଏହାକୁ ସେମାନେ ନିଜ ଅଞ୍ଚଳରେ ଥିବା ବିଭିନ୍ନ ଗଛ ଗୁଡିକୁ ଚିହ୍ନିବାରେ ଏବଂ କଥା କହିବା ସମୟରେ ବୈଜ୍ଞାନିକ ଶବ୍ଦର ବ୍ୟବହାର କରିବାରେ ସକ୍ଷମ ହୁଅନ୍ତି । ଏହା ସେମାନଙ୍କର ଶିକ୍ଷଣକୁ ଅର୍ଥପୂର୍ଣ୍ଣ ଓ ସଂକ୍ଷେପଣ କରେ । ଉଦ୍ଭିଦ ବିଷୟରେ ଧାରଣା ପାଇବାକୁ ହେଲେ ଦଳଗତ ଭାବେ ଆଲୋଚନା ଓ ଉପସ୍ଥାପନା କରିବା ଆବଶ୍ୟକ, ଯାହାଫଳରେ ସେମାନେ ଦଳଗତ ଭାବେ ସଂଗ୍ରହ କରିଥିବା ତଥ୍ୟ ଓ ଧାରଣା ଗୁଡିକୁ ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀଙ୍କ ଆଗରେ ଉପସ୍ଥାପନ କରିପାରିବେ ।

ଶିକ୍ଷକ ଲକ୍ଷ୍ମଣ, ପାଠଗୁଡ଼ିକ ଆରମ୍ଭ କରିବା ପୂର୍ବରୁ ଶିକ୍ଷାର୍ଥୀମାନେ ଗଛ ବିଷୟରେ କ'ଣ ଜାଣିଛନ୍ତି ତାହା ପ୍ରଥମେ ସେମାନଙ୍କୁ ପଚାରିଲେ । "ଚିନ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶ୍ନ ପଚାରିବା କୈନ୍ଦ୍ରିକ ସମ୍ବଳକୁ ଶ୍ରେଣୀ କୌଶଳ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ପଢନ୍ତୁ" ।



ଭିଡ଼ିଓ : ଚିନ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶ୍ନ ପଚାରିବା ।

### ଶିକ୍ଷଣକାର୍ଯ୍ୟ-୨ ଗୋଟିଏ ପାଠରେ ବିଷୟଭିତ୍ତିକ ଶବ୍ଦ ଭଣ୍ଡାରକୁ ସମନ୍ୱିତ କରିବା

ଆପଣ ପରବର୍ତ୍ତୀ ପାଠରେ ଯେଉଁ ବିଷୟ ପଢାଇବାକୁ ଯାଉଛନ୍ତି ଧ୍ୟାନ ଦିଅନ୍ତୁ ଓ ସେଥିପାଇଁ ଉଦ୍ଦିଷ୍ଟ ଥିବା ଶବ୍ଦଭଣ୍ଡାର ଗୁଡିକୁ ଚିହ୍ନଟ କରନ୍ତୁ ।

ଶ୍ରବଣ, କଥନ ପଠନ ଓ ଲିଖନ ଦକ୍ଷତା ଆଧାରିତ ଏକ ଉପଭୋଗ୍ୟ କାର୍ଯ୍ୟ ପ୍ରସ୍ତୁତ କରନ୍ତୁ, ଯେଉଁଥିରେ ଶିକ୍ଷାର୍ଥୀମାନେ କିଛି ଶବ୍ଦ ଭଣ୍ଡାରର ଅଭ୍ୟାସ କରିବେ । ଧନଞ୍ଜୟଙ୍କ ପରି ଆପଣ ଚାରିଟି ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ନାହିଁ । ଗୋଟିଏ ପାଠ ଯୋଜନା କରି ଆରମ୍ଭ କରନ୍ତୁ ଯାହା ଶିକ୍ଷାର୍ଥୀଙ୍କ ବିଷୟରେ ପୂର୍ବ ଅନୁଭୂତି ଉପରେ ପର୍ଯ୍ୟବସିତ ହୋଇଥିବ । ଆପଣଙ୍କର ଚିନ୍ତାଧାରାକୁ ଆପଣଙ୍କ ସହକର୍ମୀଙ୍କ ସହ ଆଲୋଚନା କରନ୍ତୁ ।

## ୩ ସାରାଂଶ

ଏହି ଏକକରେ, ଶିକ୍ଷାର୍ଥୀମାନେ ବିଷୟ ଶିକ୍ଷାଦାନ ଓ ଭାଷା ଏବଂ ସାକ୍ଷରତା ବିକାଶକୁ ସେମାନଙ୍କ ଶ୍ରେଣୀଗୃହରେ କିପରି ସମନ୍ୱିତ କରନ୍ତି ତାହାର କେତେକ ଉଦାହରଣ ଆପଣ ପଢିଲେ । ଆପଣ ଆଗକୁ ବିଷୟଭିତ୍ତିକ ପାଠ୍ୟପୁସ୍ତକର ଏକ ଅଧ୍ୟାୟକୁ ଦେଖି ପାରିଥିବେ । ଆପଣଙ୍କୁ ଏହି ଭାଷା ଓ ସାକ୍ଷରତା ସଂପର୍କିତ କାର୍ଯ୍ୟ ସହିତ ଏହାର ପ୍ରସଙ୍ଗଗୁଡିକୁ ଯୋଡିବାର ଉପାୟଗୁଡିକୁ ବିଚାର କରିବାକୁ ପଡିବ ।

ଆମର ଯଦି ଧାରଣା ଥାଏ ଯେ ଭାଷା ଓ ସାକ୍ଷରତା ଶ୍ରେଣୀ ପାଠ୍ୟକ୍ରମର ଅନ୍ୟ ବିଷୟ ଠାରୁ ସ୍ୱତନ୍ତ୍ର ଅଟେ ତାହା ନୁହେଁ । ଭାଷା ଓ ସାକ୍ଷରତାକୁ ବିଷୟ ପାଠ ଗୁଡ଼ିକ ସହିତ ସମନ୍ୱିତ କରିବାରେ ବହୁତ ଗୁଡିଏ ଲାଭ ଅଛି । ଦଳଗତ ସହଭାଗୀ ଶିକ୍ଷଣକାର୍ଯ୍ୟ ଗୁଡ଼ିକ ନୂତନ ବିଷୟ ସଂପର୍କିତ ପ୍ରତ୍ୟୟ ଓ ଭାଷାକୁ ଅଭ୍ୟାସ ଏବଂ ଏକତ୍ର କରିବାରେ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ପ୍ରଦାନ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ସମ୍ବଳ ସମୂହ

### ସମ୍ବଳ ୧ : ଦଳଗତ କାର୍ଯ୍ୟର ବ୍ୟବହାର କରିବା

ଦଳଗତ କାର୍ଯ୍ୟ ହେଉଛି ଏକ ପ୍ରଣାଳୀବଦ୍ଧ, କ୍ରିୟାଶୀଳ, କୌଶଳ ଯାହା ଶିକ୍ଷାର୍ଥୀମାନଙ୍କୁ ସାଧାରଣ ଲକ୍ଷ୍ୟ ହାସଲ କରିବା ପାଇଁ ଛୋଟ ଦଳରେ ମିଳିତ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥାଏ। କାର୍ଯ୍ୟଗୁଡ଼ିକ ମାଧ୍ୟମରେ ଛୋଟ ଦଳଗୁଡିକ ଅଧିକ ସକ୍ରିୟ ହୋଇଥାନ୍ତି। ଏହା ଫଳପ୍ରଦ ଶିକ୍ଷଣକୁ ପ୍ରୋତ୍ସାହିତ କରିଥାଏ।

### ଦଳଗତ କାର୍ଯ୍ୟର ଲାଭ

ଆପଣଙ୍କ ଶିକ୍ଷାର୍ଥୀଙ୍କୁ ଅଭିପ୍ରେରିତ କରିବାରେ ଦଳଗତ କାର୍ଯ୍ୟ ଏକ ଫଳପ୍ରଦ ମାଧ୍ୟମ ଭାବରେ କାର୍ଯ୍ୟ କରିପାରିବ, ଯାହାକି ସେମାନଙ୍କୁ ଚିନ୍ତା କରିବା, ଯୋଗାଯୋଗ କରିବା, ନିଜର ଧାରଣା ଓ ଚିନ୍ତାଧାରାକୁ ଅନ୍ୟ ସହ ବିନିମୟ କରିବା ଓ ସିଦ୍ଧାନ୍ତ ନେବାରେ ପ୍ରୋତ୍ସାହିତ କରିଥାଏ।

ଦଳଗତ କାର୍ଯ୍ୟର ଅର୍ଥ ଦଳରେ ବସିବା ନୁହେଁ, ବରଂ କାର୍ଯ୍ୟ କରିବା। ଏକ ଉପଯୁକ୍ତ ଶିକ୍ଷଣକାର୍ଯ୍ୟ ପାଇଁ ସ୍ୱଷ୍ଟ ଉଦ୍ଦେଶ୍ୟ ସହିତ ପ୍ରତି ଶିକ୍ଷାର୍ଥୀର ନିଜର ଅବଦାନ ଏହାର ଅନ୍ତର୍ଭୁକ୍ତ ଅଟେ। ଆପଣ କାହିଁକି ଶିକ୍ଷଣ ପାଇଁ ଦଳଗତ କାର୍ଯ୍ୟର ବ୍ୟବହାର କରୁଛନ୍ତି ଏବଂ ବ୍ୟାଖ୍ୟାନ ମୂଳକ ପଦ୍ଧତି, ଯୋଡିକାର୍ଯ୍ୟ ବା ଶିକ୍ଷାର୍ଥୀମାନେ ମନକୁ କାମ କରିବା ଠାରୁ କାହିଁକି ଅଧିକ ପସନ୍ଦଯୋଗ୍ୟ ଆପଣ ଏ ବିଷୟରେ ସ୍ୱଷ୍ଟ ହେବା ଆବଶ୍ୟକ। ତେଣୁ ଦଳଗତ କାର୍ଯ୍ୟ ସୁଯୋଜିତ ଓ ଉଦ୍ଦେଶ୍ୟଭିତ୍ତିକ ହେବା ଦରକାର।

### ଦଳଗତ କାର୍ଯ୍ୟ ଯୋଜନା କରିବା

ଦଳଗତ କାର୍ଯ୍ୟ କେବେ ଓ କିପରି କରିବେ, ଏହା ଆପଣ ପାଠ ଶେଷରେ କେଉଁ ଶିକ୍ଷଣ ଦକ୍ଷତା ହାସଲ କରିବାକୁ ଚାହୁଁଛନ୍ତି, ତାହା ଉପରେ ନିର୍ଭର କରେ। ଆପଣ ଦଳଗତ କାର୍ଯ୍ୟ ପାଠର ଆରମ୍ଭରେ, ଶେଷରେ କିମ୍ବା ମଧ୍ୟଭାଗରେ ଅନ୍ତର୍ଭୁକ୍ତ କରିପାରିବେ, କିନ୍ତୁ ସେଥିପାଇଁ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ଥିବା ଆବଶ୍ୟକ। ଆପଣ କାର୍ଯ୍ୟ ବିଷୟରେ ଚିନ୍ତା କରିବା ଆବଶ୍ୟକ କରିବେ ଯାହା ଆପଣଙ୍କ ଶିକ୍ଷାର୍ଥୀ ସଂପୂର୍ଣ୍ଣ କରିବା ଓ ସର୍ବୋତ୍ତମଭାବେ ଦଳଗୁଡ଼ିକୁ ପରିଚାଳନା କରିବା ଆପଣ ଚାହାଁନ୍ତି।

ଜଣେ ଶିକ୍ଷକ ହିସାବରେ, ଯଦି ଆପଣ ପୂର୍ବରୁ ଯୋଜନା କରିବେ, ତେବେ ଆପଣ ଦଳଗତ କାର୍ଯ୍ୟର ସଫଳତାକୁ ସୁନିଶ୍ଚିତ କରିପାରିବେ।

- ଦଳଗତ କାର୍ଯ୍ୟର ଲକ୍ଷ୍ୟ ଓ ପ୍ରତ୍ୟାଶିତ ଫଳାଫଳ
- କାର୍ଯ୍ୟ ପାଇଁ ନିର୍ଦ୍ଧାରିତ କରାଯାଇଥିବା ସମୟ, ତତ୍ ସହିତ ପ୍ରତିପୁଷ୍ଟି କିମ୍ବା କାର୍ଯ୍ୟର ସାରାଂଶ
- କିପରି ଦଳ ଗୁଡିକୁ ଭାଗ କରିବେ ( କେତୋଟି ଦଳ, ପ୍ରତି ଦଳରେ କେତେ ଜଣ ଶିକ୍ଷାର୍ଥୀ, ଦଳର ମାନଦଣ୍ଡ)
- ଦଳକୁ କିପରି ସଂଗଠିତ କରିବେ (ଦଳର ବିଭିନ୍ନ ସଦସ୍ୟଙ୍କ ଭୂମିକା, ଆବଶ୍ୟକ ସମୟ, ଉପକରଣ, ଲିପିବଦ୍ଧକରଣ ଓ ବିବରଣୀ)
- କିପରି ମୂଲ୍ୟାୟନ କରାଯିବ ଓ ଲିପିବଦ୍ଧ କରଣ ସମ୍ପାଦନ କରାଯିବ (ଦଳଗତ ମୂଲ୍ୟାୟନକୁ ବ୍ୟକ୍ତିଗତ ମୂଲ୍ୟାୟନଠାରୁ ପୃଥକ କରିବା ସମୟରେ ଅଧିକ ଯତ୍ନଶୀଳ ହେବା)
- ଦଳଗତ କାର୍ଯ୍ୟକୁ ଆପଣ କିପରି ତଦାରଖ କରିବେ।

## ଦଳଗତ ଦତ୍ତ କାର୍ଯ୍ୟ

ଯେଉଁ କାର୍ଯ୍ୟ ଆପଣ ଶିକ୍ଷାର୍ଥୀମାନଙ୍କୁ ସାରିବା ପାଇଁ କହନ୍ତି ତାହା ସେମାନଙ୍କ ଶିକ୍ଷଣ ଉପରେ ନିର୍ଭର କରେ। ଦଳଗତ କାର୍ଯ୍ୟରେ ଅଂଶ ଗ୍ରହଣ କରି ସେମାନେ ପରସ୍ପରକୁ ଶୁଣିବା, ନିଜର ଧାରଣାକୁ ବାଖ୍ୟା କରିବା, ସହଭାଗୀ ହୋଇ ନିଜ ମଧ୍ୟରେ କାର୍ଯ୍ୟ କରିବା ଆଦି ଦକ୍ଷତାକୁ ଶିଖିବେ। ଯାହାହେଉ; ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହେଲା ଆପଣ ପଢାଉଥିବା ବିଷୟରୁ କିଛି ଶିକ୍ଷାଗ୍ରହଣ କରିବା। ଦତ୍ତ କାର୍ଯ୍ୟର କିଛି ଉଦାହରଣ ନିମ୍ନରେ ଦିଆଯାଇଛି।

### ଉପସ୍ଥାପନା

ଶିକ୍ଷାର୍ଥୀ ଶ୍ରେଣୀର ଅନ୍ୟ ସମସ୍ତଙ୍କ ଆଗରେ ଉପସ୍ଥାପନା କରିବା ପାଇଁ ଦଳ ମଧ୍ୟରେ ପ୍ରସ୍ତୁତି କରିଥାନ୍ତି। ଏହି କାର୍ଯ୍ୟ ଅଧିକ ଫଳପ୍ରଦ ହୋଇଥାଏ ଯେତେବେଳେ ପ୍ରତିଦଳକୁ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ଭିନ୍ନ ଭିନ୍ନ ଦିଗ ଗୁଡ଼ିକ ଦିଆଯାଇଥାଏ, ସେଥିପାଇଁ ଶିକ୍ଷାର୍ଥୀ ଶୁଣିବା ପାଇଁ ଅଭିପ୍ରେରିତ ହୋଇଥାନ୍ତି, କାରଣ ଗୋଟିଏ ପ୍ରସଙ୍ଗକୁ ବାରମ୍ବାର ଶୁଣିବାକୁ ପଡିନଥାଏ। ପ୍ରତ୍ୟେକ ଦଳର ଉପସ୍ଥାପନା ସମୟକୁ କଡାକଡି ଭାବେ ଧ୍ୟାନ ଦେବା ଉଚିତ ଏବଂ ଉପସ୍ଥାପନାର ଦିଗ ଗୁଡିକୁ ମଧ୍ୟ ଅନୁଧ୍ୟାନ କରିବା ଉଚିତ୍। ପାଠ ଆରମ୍ଭ କରିବା ପୂର୍ବରୁ ଏହିସବୁ ଦିଗ କଳାପଟାରେ ଲେଖିବା ଆବଶ୍ୟକ। ପିଲାମାନେ ନିଜର ଉପସ୍ଥାପନା ପାଇଁ ଯୋଜନା କରିବାର ମାନଦଣ୍ଡଗୁଡିକୁ ବ୍ୟବହାର କରିପାରିବେ ଓ ପ୍ରତ୍ୟେକ ପ୍ରତ୍ୟେକଙ୍କର କାର୍ଯ୍ୟକୁ ମୂଲ୍ୟାୟନ କରିବେ। ମାନଦଣ୍ଡଗୁଡିକ ନିମ୍ନୋକ୍ତ ଦିଗକୁ ସାମିଲ କରିପାରିବ:-

- ଉପସ୍ଥାପନାଟି ସ୍ୱଷ୍ଟ ଥିଲା କି ?
- ଉପସ୍ଥାପନାଟି ଠିକ୍ ଭାବେ ସଂଗଠିତ ହୋଇଥିଲା କି ?
- ଉପସ୍ଥାପନାଟିରୁ ମୁଁ କିଛି ଶିକ୍ଷା କଲି କି ?
- ଉପସ୍ଥାପନଟି ଚିନ୍ତା କରିବାକୁ ସୁଯୋଗ ହେଲା କି ?

### ସମସ୍ୟା ସମାଧାନ

ଶିକ୍ଷାର୍ଥୀ କୌଣସି ଏକ ସମସ୍ୟା ବା ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଦଳରେ କାର୍ଯ୍ୟ କରିଥାନ୍ତି। ଏହା ଏକ ବୈଜ୍ଞାନିକ ପରୀକ୍ଷଣ, ଗଣିତର ସମସ୍ୟା ସମାଧାନ, ଇଂରାଜୀର କୌଣସି ଗଳ୍ପ ବା କବିତାର ବିଶ୍ଳେଷଣ କିମ୍ବା ଇତିହାସର କୌଣସି ତଥ୍ୟର ବିଶ୍ଳେଷଣ ଆଦି ହୋଇପାରେ।

### ଏକ କଳାକୃତି ଉତ୍ପନ୍ନ କରିବା

ଗଳ୍ପଟିଏ ସୃଷ୍ଟି କରିବା ବା ନାଟକଟିଏ ଲେଖିବା ବା ଏକ ପ୍ରତ୍ୟୟକୁ ବ୍ୟାଖ୍ୟା କରିବା ପାଇଁ ମଡ଼େଲ, ପ୍ରସ୍ତୁତ କରିବା କୌଣସି ସମସ୍ୟା ସଂପର୍କିତ ଏକ ଖବର କିମ୍ବା ସଂକ୍ଷେପଣ ପାଇଁ ଗୋଟିଏ ପୋଷ୍ଟର ବା ଏକ ପ୍ରତ୍ୟୟ ବ୍ୟାଖ୍ୟା ଇତ୍ୟାଦି କରିବା ପାଇଁ ଦଳରେ କାର୍ଯ୍ୟ କରନ୍ତି। କୌଣସି ଗୋଟିଏ ନୂଆ ପ୍ରସଙ୍ଗ ଆରମ୍ଭରେ ପ୍ରତ୍ୟେକ ଦଳର ସଦସ୍ୟମାନେ କେତେଦୂର ଜାଣିଛନ୍ତି ସେ ସଂପର୍କରେ ଜାଣିବା ପାଇଁ ୫ ମିନିଟ୍‌ର ଏକ ମାନସିକ ଚିନ୍ତନ ଭଳି କାର୍ଯ୍ୟ କରିପାରିବେ ଯାହା ଆପଣଙ୍କୁ ନିଜର ପ୍ରସଙ୍ଗକୁ ଆଗକୁ ନେବାରେ ବିଶେଷ ସହାୟକ ହୋଇପାରିବ।

### ପୃଥକ ହୋଇଥିବା ଦତ୍ତକାର୍ଯ୍ୟ ସମୂହ

ଦଳଗତ କାର୍ଯ୍ୟ ଏକ ସୁଯୋଗ, ଯେଉଁଥିରେ ଭିନ୍ନ ଭିନ୍ନ ବୟସ କିମ୍ବା ଦକ୍ଷତାର ଶିକ୍ଷାର୍ଥୀମାନେ ମିଳିତ ଭାବେ ଗୋଟିଏ ଉପଯୁକ୍ତ ଦତ୍ତ କାର୍ଯ୍ୟକୁ ଏକତ୍ର ହୋଇ କରିଥାନ୍ତି। ଅଧିକ ସାମର୍ଥ୍ୟ ଥିବା ଶିକ୍ଷାର୍ଥୀମାନେ କାର୍ଯ୍ୟଟିକୁ ବାଖ୍ୟା କରିବାର ସୁଯୋଗ ଲାଭ କରିବା ସମୟରେ କମ୍ ସାମର୍ଥ୍ୟର ଶିକ୍ଷାର୍ଥୀମାନେ ଶ୍ରେଣୀ ଅପେକ୍ଷା ଛୋଟ ଦଳରେ ପ୍ରଶ୍ନ ପଚାରିବା ସହଜ ମନେ କରନ୍ତି ଓ ସେମାନଙ୍କ ସାଥୀଠାରୁ ଶିଖିପାରନ୍ତି।

## ଆଲୋଚନା

ଶିକ୍ଷାର୍ଥୀ କୌଣସି ଏକ ସମସ୍ୟାକୁ ମାନସିକ ସ୍ତରରେ ଅନୁଧ୍ୟାନ କରନ୍ତି ଓ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି। ଏହା ଏକ ଉତ୍ତମ ପୂର୍ବ ପ୍ରସ୍ତୁତି ଉପରେ ନିର୍ଭର କରେ ଯେଉଁଥିରେ ଆପଣ ନିଶ୍ଚିତ ଯେ ବିଭିନ୍ନ ପସନ୍ଦଗୁଡ଼ିକୁ ବିଚାର କରିବାରେ ବାଛିବାରେ ଶିକ୍ଷାର୍ଥୀମାନଙ୍କ ପାଖରେ ଯଥେଷ୍ଟ ଜ୍ଞାନ ଅଛି; କିନ୍ତୁ କୌଣସି ଏକ ଆଲୋଚନା ବା ତର୍କକୁ ସଂଗଠନ କରିବା ଉଭୟ ଆପଣ ଓ ଶିକ୍ଷାର୍ଥୀଙ୍କ ପାଇଁ ଅଧିକ ପ୍ରଶଂସନୀୟ ହୋଇପାରିବ।

## ଦଳଗୁଡ଼ିକୁ ସଂଗଠିତ କରିବା

୪ ଜଣରୁ ୮ ଜଣ ଥିଲେ, ତାହାକୁ ଏକ ଆଦର୍ଶ ଦଳ କୁହାଯିବ କିନ୍ତୁ ଏହା ମୁଖ୍ୟତଃ ଶ୍ରେଣୀର ପ୍ରକାର, ଭୌତିକ ପରିବେଶ ଓ ଆସବାବପତ୍ର, ଏବଂ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ବୟସ ଓ ଦକ୍ଷତା ଉପରେ ନିର୍ଭର କରେ। ଏକ ଉତ୍ତମ ଦଳଗତ କାର୍ଯ୍ୟର ଲକ୍ଷଣ ହେଲା, ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଦେଖିପାରୁଥିବେ, ବଡ ପାଟି ନକରି କଥା ହୋଇପାରୁଥିବେ ଓ ଦଳଗତ କାର୍ଯ୍ୟରେ ଅଂଶଗ୍ରହଣ କରିପାରୁଥିବେ।

- ଆପଣ କାହିଁକି ଓ କିପରି ଶିକ୍ଷାର୍ଥୀଙ୍କୁ ଦଳରେ ଭାଗ କରିବେ ସ୍ଥିର କରନ୍ତୁ ; ଉଦାହରଣସ୍ୱରୂପ ଆପଣ ଶିକ୍ଷାର୍ଥୀଙ୍କର ବନ୍ଧୁତା, ଆଗ୍ରହ, ସମଦକ୍ଷତା ବା ମିଶ୍ରିତ ଦକ୍ଷତା ଭିତ୍ତିରେ ଭାଗ କରିପାରନ୍ତି। ବିଭିନ୍ନ ଉପାୟଗୁଡ଼ିକୁ ପରୀକ୍ଷା କରନ୍ତୁ ଓ ଦଳ ଉପରେ ପରୀକ୍ଷଣ କରି ଏବଂ ପ୍ରତ୍ୟେକ ଶ୍ରେଣୀପାଇଁ କେଉଁଟି ସର୍ବୋତ୍ତମ ହେବ ସମୀକ୍ଷା କରନ୍ତୁ।
- ଦଳର ସଦସ୍ୟ ମାନଙ୍କୁ ଦାୟିତ୍ୱ ଯେ କୌଣସି ବଣ୍ଟନ ନିମନ୍ତେ ଯୋଜନା କରନ୍ତୁ (ଉଦାହରଣ: ବିବରଣୀ ସଂଗ୍ରହକ, ସମୟ ରକ୍ଷକ, ମୁଖପାତ୍ର, ଉପକରଣ ସଂଗ୍ରାହକ) ଓ ଏହାକୁ ଆପଣ କିପରି ସ୍ୱଷ୍ଟ ସଫଳ କରିବେ।

## ଦଳଗତ କାର୍ଯ୍ୟର ପରିଚାଳନା କରିବା

ଉତ୍ତମ ଦଳଗତ କାର୍ଯ୍ୟର ପରିଚାଳନା ପାଇଁ ଆପଣ ଯେତେବେଳେ ନିୟମ ଓ ନିର୍ଘଣ୍ଟ ସ୍ଥିର କରିବେ, ନିୟମିତଭାବେ ଦଳଗତ କାର୍ଯ୍ୟକୁ ଶିକ୍ଷଣରେ ବ୍ୟବହାର କରିବେ, ଶିକ୍ଷାର୍ଥୀମାନେ ଆପଣ କ'ଣ ଆଶା କରୁଛନ୍ତି ତାହା ଜାଣିପାରିବେ, ସେତେବେଳେ କାର୍ଯ୍ୟଟି ଉପଭୋଗ୍ୟ ହୋଇପାରିବ। ଦଳରେ ବା ଗୋଷ୍ଠୀରେ ଏକତ୍ର କାମ କରିବାର ଲାଭ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରେଣୀରେ କାମ କରିବା ଏକ ଭଲ ଧାରଣା ଅଟେ। ଆପଣ ଗୋଟିଏ ଭଲ ଦଳଗତ କାର୍ଯ୍ୟର ଉପାଦାନ ଗୁଡ଼ିକ କଣ ହେବ ଆଲୋଚନା କରି ସେଥିପାଇଁ କିଛି ନିୟମ ପ୍ରଣୟନ କରିପାରିବେ; ଉଦାହରଣ – 'ଅନ୍ୟକୁ ସମ୍ମାନ ଦେବା' 'ଅନ୍ୟଙ୍କୁ ଶୁଣିବା' ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା; ଦଳରୁ ଅଧିକ ବିକଳ୍ପ ଧାରଣା ପାଇଁ ଚେଷ୍ଟା କରିବା ଇତ୍ୟାଦି।

ଦଳଗତ କାର୍ଯ୍ୟର ସୂଚନା ଗୁଡ଼ିକୁ ମୌଖିକ ଭାବରେ ସ୍ୱଷ୍ଟ ରୂପରେ କହିବା ଜରୁରୀ। ଆବଶ୍ୟକ ସ୍ଥଳେ କଳାପଟାରେ ମଧ୍ୟ ପରବର୍ତ୍ତୀ ସମୟରେ ବ୍ୟବହାର ପାଇଁ ଲେଖିପାରିବେ। ନିମ୍ନ ବିଷୟଗୁଡ଼ିକ ଆପଣଙ୍କ ପାଇଁ ଆବଶ୍ୟକ -

- ଆପଣଙ୍କ ଯୋଜନା ଅନୁସାରେ ଦଳଗତ କାର୍ଯ୍ୟ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ସୂଚନା ଦିଅନ୍ତୁ; ଯେପରି ଶ୍ରେଣୀ ଗୃହର କେଉଁ ପାର୍ଶ୍ୱରେ ବସି କାର୍ଯ୍ୟ କରିବେ କିମ୍ବା ଆସବାବପତ୍ର ଓ ବ୍ୟାଗକୁ କେଉଁଠାକୁ ଘୁଞ୍ଚାଇବେ ଇତ୍ୟାଦି।
- ଦତ୍ତ କାର୍ଯ୍ୟ ବିଷୟରେ ଆପଣ ସନ୍ତୁଷ୍ଟ ହେବା ଆବଶ୍ୟକ। ଦତ୍ତ କାର୍ଯ୍ୟକୁ ଛବି କିମ୍ବା ସଂକ୍ଷିପ୍ତ ସୂଚନା ମାଧ୍ୟମରେ କଳାପଟାରେ ଲେଖିପାରିବେ। କାର୍ଯ୍ୟ ଆରମ୍ଭ ପୂର୍ବରୁ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ଦିଅନ୍ତୁ।

ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଥିବା ସମୟରେ ଆପଣ ପର୍ଯ୍ୟବେକ୍ଷଣ କରନ୍ତୁ ଓ ଧ୍ୟାନ ଦିଅନ୍ତୁ ଦଳରେ ସେ କ'ଣ କରୁଛନ୍ତି। ଯଦି ସେମାନେ ଆବଶ୍ୟକ କରୁଛନ୍ତି କିମ୍ବା ଗର୍ବୀ ହୋଇଯାଉଛନ୍ତି ସେ ସମୟରେ ଆପଣ ସେମାନଙ୍କୁ ସାହାଯ୍ୟ କରିପାରିବେ।

କାର୍ଯ୍ୟ ମଧ୍ୟରେ ଆପଣ ଦଳଗୁଡ଼ିକୁ ବଦଳାଇବାକୁ ଚାହିଁପାରନ୍ତି। ଏଠାରେ ଦୁଇଟି କୌଶଳ ବ୍ୟବହାର ନିମିତ୍ତ ଅଛି। ଯେତେବେଳେ ଆପଣ ଦଳଗତ କାର୍ଯ୍ୟ ଉପରେ ଭରସା କରିପାରିବେ ସେଗୁଡିକ ବିଶେଷତଃ ବେଶୀ ଶିକ୍ଷାର୍ଥୀ ଥିବା ବଡ଼ ଶ୍ରେଣୀଗୁଡ଼ିକୁ ପରିଚାଳନା କରିବାରେ ସହାୟକ ହୋଇପାରିବ।

- **ବିଶେଷଜ୍ଞ ଦଳ** ପ୍ରତ୍ୟେକ ଦଳକୁ ଭିନ୍ନ ଭିନ୍ନ କାର୍ଯ୍ୟ ଦିଅନ୍ତୁ, ଯେପରି ବିଦ୍ୟୁତ ଶକ୍ତି ଉତ୍ପନ୍ନର ଗବେଷଣା କିମ୍ବା ଗୋଟିଏ ଅଭିନୟ କରିବାର ଯୋଜନା। ଉପଯୁକ୍ତ ସମୟ ପରେ ପ୍ରତ୍ୟେକ ଦଳକୁ ପୁନଃ ସଂଗଠନ କରନ୍ତୁ ଯେଉଁଥିରେ ଜଣେ ଦକ୍ଷ ଶିକ୍ଷାର୍ଥୀ ରହିବେ ଯିଏକି ପ୍ରାରମ୍ଭିକ ଦଳରେ ଭଲ କାର୍ଯ୍ୟ କରିଥିବ। ତା'ପରେ ସେମାନଙ୍କୁ କୁହନ୍ତୁ ଦକ୍ଷ ଶିକ୍ଷାର୍ଥୀଙ୍କ ଠାରୁ ଦଳରେ ଦିଆଯାଇଥିବା କାର୍ଯ୍ୟ ସମ୍ବନ୍ଧୀୟ ଜ୍ଞାନ ଓ ତଥ୍ୟ ସଂଗ୍ରହ କରିବା ପାଇଁ ଯେପରି- କେଉଁ ପ୍ରକାର ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ତିଆରି ହେବ କିମ୍ବା ଅଭିନୟର ପ୍ରସ୍ତୁତି ହେବ।
- **ପ୍ରତିନିଧି ଦଳ** ଯଦି କାର୍ଯ୍ୟରେ କିଛି ନୂତନତ୍ୱ ସୃଷ୍ଟି କରିବାର ଅଛି କିମ୍ବା ସମସ୍ୟା ସମାଧାନ କରିବାର ଅଛି, କିଛି ସମୟ ପରେ ପ୍ରତ୍ୟେକ ଦଳର ପ୍ରତିନିଧିଙ୍କୁ ଅନ୍ୟ ଦଳକୁ ପଠାନ୍ତୁ। ସେମାନେ ନିଜର ଧାରଣା ଓ ସମସ୍ୟା ସମାଧାନକୁ ସେଠାରେ ତୁଳନା କରିବେ ଓ ତା'ପରେ ନିଜ ଦଳକୁ ଫେରିଆସିବେ। ଏହି ପ୍ରକାର, ଦଳଗୁଡିକ ମଧ୍ୟ ପ୍ରତ୍ୟେକଙ୍କଠୁ ଶିଖିପାରିବେ।

କାର୍ଯ୍ୟର ଶେଷରେ, ଯାହା ଶିଖିଲେ ସାରାଂଶ ନିର୍ଣ୍ଣୟ କରନ୍ତୁ ଏବଂ ଯଦି ଆପଣ କିଛି ଭୁଲବୁଝାମଣା ଦେଖୁଛନ୍ତି ତାହାକୁ ଠିକ୍ କରନ୍ତୁ। ଆପଣ ପ୍ରତ୍ୟେକ ଦଳର ପ୍ରତିପୁଷ୍ଟିକୁ ମଧ୍ୟ ଶୁଣିପାରନ୍ତି କିମ୍ବା ଗୋଟିଏ ବା ଦୁଇଟି ଦଳକୁ ପଚାରିପାରନ୍ତି ଯେଉଁମାନଙ୍କର ଧାରଣା ଆପଣଙ୍କ ହିସାବରେ ବେଶୀ ଭଲ ଥିଲା।

ଶିକ୍ଷାର୍ଥୀଙ୍କୁ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିବାକୁ କହନ୍ତୁ ଓ ସେମାନଙ୍କୁ ଅନ୍ୟ ଦଳମାନଙ୍କ କାର୍ଯ୍ୟ ପାଇଁ ପ୍ରତିପୁଷ୍ଟି ପ୍ରଦାନ କରିବାକୁ ଉତ୍ସାହିତ କରନ୍ତୁ। ଉଦାହରଣ – ସେମାନଙ୍କର କ'ଣ ଭଲ ହୋଇଛି, କଣ ଆଗ୍ରହୋଦ୍ଦୀପକ ଥିଲା ଓ ଆଉ ଅଧିକ କ'ଣ ବିକଶିତ କରାଯାଇପାରିବ ଆଦିକୁ ଚିହ୍ନଟ କରି ଏହା କରାଯାଇପାରିବ।

ଯଦି ଆପଣ, ଆପଣଙ୍କ ଶ୍ରେଣୀରେ ଦଳଗତ କାର୍ଯ୍ୟ କରିବା ପାଇଁ ଚାହିଁଛନ୍ତି ତେବେ ବେଳେବେଳେ ଆପଣ ଦଳଗତ କାର୍ଯ୍ୟକୁ ସଂଗଠିତ କରିବାରେ ସମସ୍ୟା ଗୁଡିକର ସମ୍ମୁଖୀନ ହୋଇପାରନ୍ତି, କାରଣ କେତେକ ଶିକ୍ଷାର୍ଥୀ :-

- ସକ୍ରିୟ ଶିକ୍ଷଣକୁ ପ୍ରତିରୋଧ କରନ୍ତି ଓ ସାମିଲ ହୁଅନ୍ତି ନାହିଁ
- ଆଧିପତ୍ୟ ଜାହିର କରନ୍ତି
- କମ୍ ବ୍ୟକ୍ତିଗତ ସଂପର୍କ କିମ୍ବା ଆତ୍ମବିଶ୍ୱାସର ଅଭାବ ହେତୁ ଅଂଶଗ୍ରହଣ କରନ୍ତି ନାହିଁ।

ଗୋଟିଏ ଦଳଗତ କାର୍ଯ୍ୟର ପରିଚାଳନାରେ ଫଳପ୍ରଦ ହେବା ନିମିତ୍ତ ଉପରୋକ୍ତ ଦିଗପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ ଅଟେ। ତତ୍‌ସହିତ ଶିକ୍ଷଣ ଫଳାଫଳ କେତେଦୂର ହାସଲ ହୋଇପାରଛି ଏବଂ ଶିକ୍ଷାର୍ଥୀ କେତେଦୂର ଏହି କାର୍ଯ୍ୟକୁ ଗ୍ରହଣ କରୁଛନ୍ତି (ସମସ୍ତେ ଲାଭ ପାଉଛନ୍ତି କି ?) ଦଳଗତ ଦତ୍ତ କାର୍ଯ୍ୟ ସମ୍ବଳ, ସମୟ ଓ ଦଳର ଗଠନ ଆଦିରେ ଆପଣ କୌଣସି ପ୍ରକାର ସମଯୋଜନ କରିବା ନିମିତ୍ତ ଓ ଯତ୍ନର ସହ ଯୋଜନା ନିଶ୍ଚିତ ଭାବରେ କରନ୍ତି।

ଗବେଷଣା ପରାମର୍ଶ ଦେଇଥାଏ ଯେ ଶିକ୍ଷାର୍ଥୀମାନଙ୍କ ଉପଲବ୍ଧିରେ ସକାରାତ୍ମକ ପ୍ରଭାବ ନିମିତ୍ତ ଦଳଗତ କାର୍ଯ୍ୟଗୁଡ଼ିକୁ ସବୁ ସମୟରେ ବ୍ୟବହାର କରିବାର ଆବଶ୍ୟକତା ନାହିଁ। ସେଥିପାଇଁ ଆପଣ ଏହାକୁ ପ୍ରତି ଶ୍ରେଣୀରେ ପ୍ରୟୋଗ କରିବା ପାଇଁ ବାଧ୍ୟ ନୁହଁନ୍ତି। ଆପଣ ଦଳଗତ କାର୍ଯ୍ୟକୁ ବେଳେ ବେଳେ ଗୋଟିଏ ପରିପୂରକ କୌଶଳ ହିସାବରେ ବ୍ୟବହାର କରିବେ, ଉଦାହରଣ - ପ୍ରସଙ୍ଗ ପରିବର୍ତ୍ତନ ମଧ୍ୟରେ ଏକ ବିରତି ଭାବରେ କିମ୍ବା ଶ୍ରେଣୀ ଗୃହରେ ଆଲୋଚନା କାର୍ଯ୍ୟ କରିବା ପୂର୍ବରୁ। ଏହାକୁ ମଧ୍ୟ ଅଭିପ୍ରେରଣାତ୍ମକ କାର୍ଯ୍ୟ ହିସାବରେ କିମ୍ବା କୌଣସି ନୂତନ ଶିକ୍ଷଣ ଅନୁଭୂତିର କାର୍ଯ୍ୟ କରିବା ସମୟରେ ଏବଂ ସମସ୍ୟା ସମାଧାନ ଭିତ୍ତିକ କାର୍ଯ୍ୟ କିମ୍ବା ପ୍ରସଙ୍ଗର ପୁନଃ ସମୀକ୍ଷା ସମୟରେ ବ୍ୟବହାର କରିପାରିବେ।

## ସମ୍ବଳ-୨: ଦୁଇଟି ପାଠ

## ପାଠ ୧: ଗଣିତ, ଆକୃତି, ଗତି ଓ ଭାଷା

ଗାଣିତିକ ପ୍ରତ୍ୟୟ ଓ ପଦ ଗୁଡିକରେ ଆକୃତିର ଭାଷା ସମୃଦ୍ଧ ଅଟେ। ଆକୃତିର ଭାଷା ଓ ଧାରଣା ବହୁତ ସମୃଦ୍ଧ। ଅନେକ ଶବ୍ଦ ମଧ୍ୟରୁ ଧାରା, ସମତଳ, ରେଖା, ସମାନ୍ତର, ଗଭୀରତା, କୋଣ, ଆୟତନ, ବିନ୍ଦୁ ଓ ଭାଗ ଆଦି କେବଳ ନମୁନା ମାତ୍ର ଯାହା ଆକୃତି ସହିତ ସଂପୃକ୍ତ। ଆକୃତିର ଏହି ଜଟିଳତା ପିଲାର ବୟସ ଓ ପୂର୍ବ ଅନୁଭୂତି ଉପରେ ନିର୍ଭର କରେ। ଏହି କାର୍ଯ୍ୟ ପାଇଁ, ଆପଣ କେତେକ ଗଣିତ ପାଠ୍ୟ ପୁସ୍ତକ ଆବଶ୍ୟକ କରିବେ।

୧. ଆପଣଙ୍କ ଶ୍ରେଣୀକୁ ଦଳରେ ଭାଗକରନ୍ତୁ। ପ୍ରତ୍ୟେକ ଦଳର ନାମକରଣ କରନ୍ତୁ ଯେପରି ଆୟତକ୍ଷେତ୍ର, ତ୍ରିଭୁଜାକାର କ୍ଷେତ୍ର ବିଷମବାହୁ ତ୍ରିଭୁଜ, ବିଷମକୋଣୀ ସମଚତୁର୍ଭୁଜ, ପଞ୍ଚବିନ୍ଦୁ ବିଶିଷ୍ଟ କ୍ଷେତ୍ର, ଅଷ୍ଟଭୁଜ କ୍ଷେତ୍ର, ଅଣ୍ଡାକାର କ୍ଷେତ୍ର, ସମାନ୍ତରଳ କ୍ଷେତ୍ର। ଆପଣ ଏହି ନାମ ଗୁଡିକ ଏକରୁ ଅଧିକ ଦଳକୁ ମଧ୍ୟ ଦେଇପାରିବେ।

୨. ସେମାନଙ୍କଠାରୁ ଆପଣ କ'ଣ ଆଶା କରୁଛନ୍ତି, ପ୍ରଥମେ ଆପଣ ବର୍ଣ୍ଣନା କରି ଦେଖାନ୍ତୁ। ପାଠପୁସ୍ତକରେ ଥିବା ଗୋଟିଏ ଆକୃତିକୁ ଚିହ୍ନଟ କରି ସୂଚନାର ଉଦାହରଣକୁ ସ୍ପଷ୍ଟ କରାନ୍ତୁ। ତା'ପରେ ଆକୃତିକୁ ଶ୍ରେଣୀରେ ବର୍ଣ୍ଣନା କରନ୍ତୁ, ମୁଁ ଗୋଟିଏ କୋଣ (ଆକୃତି) ଏହିପରି କହି ଆରମ୍ଭ କରନ୍ତୁ ଏବଂ ଏଥିପାଇଁ ଠିକ ଗାଣିତିକ ଶବ୍ଦ ବ୍ୟବହାର କରନ୍ତୁ।

୩. ସେମାନଙ୍କ ପାଠ୍ୟପୁସ୍ତକରୁ ସେମାନଙ୍କୁ ଦିଆଯାଇଥିବା ଆକୃତିର ତଥ୍ୟ ଓ ସୂଚନା ଖୋଜିବା ପାଇଁ ପ୍ରତ୍ୟେକ ଦଳକୁ କୁହନ୍ତୁ। ସେମାନେ ଏହାକୁ ମନେ ରଖିବେ କିମ୍ବା ଚାର୍ଟ ପେପରରେ ଲେଖିପାରିବେ।

୪. ପ୍ରତ୍ୟେକ ଦଳକୁ ସେମାନଙ୍କ ଆକୃତି ବିଷୟରେ ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଉପସ୍ଥାପନ କରିବାକୁ କହନ୍ତୁ। ଉପଯୁକ୍ତ ଭାଷାର ବ୍ୟବହାର କରି ବର୍ଣ୍ଣନା କରିବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ। ଉଦାହରଣ ସ୍ୱରୂପ, "ଆମେ ହେଉଛୁ ଆୟତକାର କ୍ଷେତ୍ର ଆମର ଚାରିଟି ସିଧା ପାଖ କିନ୍ତୁ ଦୁଇ ପାଖ ଅନ୍ୟ ଦୁଇ ପାଖଠାରୁ ଲମ୍ବା। ପାଖଗୁଡିକ ପରସ୍ପର ସମାନ୍ତରାଳ ଅଟେ।"

୫. ପ୍ରତ୍ୟେକ ଦଳକୁ ଶାରୀରିକ ଭାବରେ ସାଙ୍ଗରେ ଛିଡା ହୋଇ ଓ ହାତ ଧରି ନିଜ ନିଜର ଆକୃତି ଗଠନ କରିବା ପାଇଁ କୁହନ୍ତୁ। ସେମାନେ ଏହାକୁ ଶ୍ରେଣୀ ଗୃହରେ କିମ୍ବା ବାହାରେ ଯେଉଁଠାରେ ପର୍ଯ୍ୟାପ୍ତ ସ୍ଥାନ ଥିବ ସେଠାରେ କରିପାରିବେ।

୬. ଶିକ୍ଷାର୍ଥୀଙ୍କୁ କୁହନ୍ତୁ ନିଜର ତଥା ଅନ୍ୟ ଦଳର ଆକୃତିର ଚିତ୍ର କରିବା ପାଇଁ ଏବଂ ସେ ସମ୍ବନ୍ଧରେ ଆପଣଙ୍କଠାରୁ ଓ ଅନ୍ୟ ଶିକ୍ଷାର୍ଥୀମାନଙ୍କଠାରୁ ଯାହା ପଢିଲେ, ଶୁଣିଲେ ଓ କଲେ ସେଥିରେ ଲେଖିବା ପାଇଁ କୁହନ୍ତୁ। ନିମ୍ନରେ ଏକ ଉଦାହରଣ ଚିତ୍ର-୨ ରେ ପ୍ରଦାନ କରାଯାଇଅଛି:-




ଚିତ୍ର.୨.୧ ନାମକରଣ ସହ ଏକ ଆକୃତିର ଉଦାହରଣ

## ପାଠ-୨ : ଗ୍ରହ, ରଙ୍ଗ ଏବଂ କାବ୍ୟିକ ଭାଷା

ଗ୍ରହ ଗୁଡିକର ପ୍ରକୃତି ରଙ୍ଗ ଓ ପ୍ରତିରୂପ ଅନ୍ୟ ଗ୍ରହମାନଙ୍କ ଠାରୁ ଭିନ୍ନ ଓ ବହୁତ ସୁନ୍ଦର। ଏହି ପାଠରେ ବ୍ୟବହାର କରିବାକୁ ଥିବା ଭାଷା ମୁଖ୍ୟତଃ ଶିକ୍ଷାର୍ଥୀଙ୍କର ବୟସ ଓ ସାମାଜିକ ପୃଷ୍ଠଭୂମି ଉପରେ ନିର୍ଭର କରେ। ଏହି କାର୍ଯ୍ୟ ପାଇଁ, ଆପଣ ଗ୍ରହ ଗୁଡିକର ଚିତ୍ର ଓ ବିଭିନ୍ନ ରଙ୍ଗୀନ ଚକ୍ ଆବଶ୍ୟକ କରିବେ।

୧. ଗ୍ରହଗୁଡିକର ଭଲ ଚିତ୍ର ଓ ଛବି ବ୍ୟବହାର କରିବା ଆବଶ୍ୟକ, ଯଦି ଆପଣଙ୍କ ପାଖରେ ଅଛି ତେବେ ବ୍ୟବହାର କରନ୍ତୁ ନଚେତ୍ ବିକଳ୍ପ ଭାବରେ ବିଭିନ୍ନ ରଙ୍ଗର ଚକ୍ ବ୍ୟବହାର କରି କଳାପଟାରେ ଗ୍ରହ ଗୁଡିକର ଚିତ୍ର କରନ୍ତୁ (ଚିତ୍ର ୨.୨)। ଏହି ପ୍ରତିଛବି ଗୁଡିକୁ ଶ୍ରେଣୀରେ ଶିକ୍ଷାର୍ଥୀଙ୍କୁ ଦେଖାଇ ସେ ସମ୍ବନ୍ଧରେ ବିଶଦ ଭାବେ ବର୍ଣ୍ଣନା କରନ୍ତୁ। ଶିକ୍ଷାର୍ଥୀମାନେ ପର୍ଯ୍ୟବେକ୍ଷଣ କରିଥିବା ବା ସେମାନଙ୍କ ଶିକ୍ଷଣରୁ ଜାଣିଥିବା କୌଣସି ଏକ ଗ୍ରହ ବିଷୟରେ କହିବା ପାଇଁ ଆମନ୍ତ୍ରଣ କରନ୍ତୁ।



ଚିତ୍ର ୨.୨ : କଳାପଟାରେ ଚିତ୍ର ଅଙ୍କନ

୨. ପ୍ରତ୍ୟେକ ଗ୍ରହର ସ୍ୱତନ୍ତ୍ର ଗୁଣ ଓ ଅବସ୍ଥା ଅଛି, ସେ ସମ୍ବନ୍ଧରେ ସୂଚନା ଦିଅନ୍ତୁ । ଉଦାହରଣ- ହାଲୁକା ନୀଳ ଓ ଧୂସର ରଙ୍ଗ ହେଉଛି ବୃହସ୍ପତି, ଏହା ଏକ ଶାନ୍ତ ଗ୍ରହ ଅଟେ; ହାଲୁକା ଧୂସର ରଙ୍ଗ ହେଉଛି ଶନି, ଏହା ଏକ ନିସ୍ତବ୍ଧ ଗ୍ରହ ଅଟେ। କମଳା-ଲାଲ ରଙ୍ଗ ହେଉଛି ମଙ୍ଗଳ, ଏହା ଏକ ଉଜ୍ଜ୍ୱଳ ଓ ଉତପ୍ତ ଗ୍ରହ ଅଟେ। ସୂର୍ଯ୍ୟ ବହୁତ ଉତ୍‌ଫୁଲ୍ଲିତ ଅଟେ କିନ୍ତୁ ଏହା ଅଧିକ ବିସ୍ଫୋରକ ମଧ୍ୟ। ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟେକ ଦଳ ଉପରେ ନିଜର ଧାରଣାକୁ ସ୍ଥିର କରି କଳାପଟାରେ ଲେଖିବାକୁ କୁହନ୍ତୁ।

୩. ଯେ କୌଣସି ଦୁଇଟି ଗ୍ରହର ଚିତ୍ର ଓ ଗୁଣ ନିଜ ଅଭ୍ୟାସ ଖାତାରେ କରିବା ପାଇଁ ଶିକ୍ଷାର୍ଥୀଙ୍କୁ କୁହନ୍ତୁ (ଚିତ୍ର ୨.୩)। ନିଜର ବ୍ୟକ୍ତିଗତ ଗୁଣ ହିସାବରେ ଯେଉଁ ଗ୍ରହର ଧାରଣା ଓ ଗୁଣ ଖାପ ଖାଉଛି ଶିକ୍ଷାର୍ଥୀକୁ ସେ ସମ୍ବନ୍ଧରେ ଗଳ୍ପ କିମ୍ବା କବିତା ଲେଖିବାକୁ କୁହନ୍ତୁ। ତା'ପରେ ସେମାନେ ଯାହା ଲେଖିଛନ୍ତି ତାହା ପଢି ପ୍ରଥମେ ନିଜର ଯୋଡ଼ିକୁ ଏବଂ ତା'ପରେ ଶ୍ରେଣୀରେ ଅନ୍ୟ ଶିକ୍ଷାର୍ଥୀଙ୍କୁ ଶୁଣାଇବା ପାଇଁ ଆମନ୍ତ୍ରଣ କରନ୍ତୁ।



ଚିତ୍ର ୨.୩ ଗ୍ରହମାନଙ୍କର ଚିତ୍ର

# Additional resources

- 'Language across curriculum' by Nisha Butoliya: http://www.teachersofindia.org/en/lessonplan/ language-across-curriculum
- 'Revisiting school education In India – National Curriculum Framework 2005: focus on language' by V.K. Sunwani: http://www.languageinindia.com/sep2006/nationalframework.html
- An idea for teaching about stars: https://www.academia.edu/4306703/Jewels_in_the_Sky
- 'Preparing for group work': https://thinkingtogether.educ.cam.ac.uk/resources/downloads/Preparing_for_group_work.pdf
- Elearning ideas for a variety of subject areas: http://www.azimpremjifoundation.org/Elearning_ Resources
- You may find useful resources at this government website: http://nroer.gov.in/collection/Audio/

# References/bibliography

Galton, M. and Williamson, J. (1992) Group Work in the Primary Classroom. London/New York: Routledge.

# Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Figure R2.3: Nasa (in Flickr) (adapted), made available by NASA under https://creativecommons.org/licenses/by/2.0/deed.en

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.